# ଘେନ ସୂର୍ଯ୍ୟର ପ୍ରଭା

ସ୍ୱାଗତ ତୁମକୁ ଆହେ ନବ ବର୍ଷ
ରକ୍ତର ଟିକା ଦେଇ
ଦୁର୍ଜୟ ଆମେ ଦୁର୍ବାର ଇଚ୍ଛା
ମୁକ୍ତି ସନ୍ଧାନ ପାଇଁ ।
କାଳର କୁଟୀଳ ଗତି ଚକ୍ରରେ
ଅଚିରେ ତୁମରେ ଖୋଜି
ଦିଗ୍‌ବଳୟ ଧାର ଅଗୁଣିତ ଲଭେ
ରକ୍ତିମ ଟିକା ଲେଖି ।
ଯେବେ ବି ଶୋଷଣ, ବ୍ୟଭିଚାର ଘଟେ
ନାରୀ ନିର୍ଯ୍ୟାତନା ପାଇଁ
ଆମେରେ ସାଜିବା ଉଗ୍ର ତାଣ୍ଡବ
କରେ କରବାଳ ନେଇ ।
ଜହ୍ନ ଯେପରି ଶାନ୍ତ ଶୀତଳ
କମନୀୟ, ନମନୀୟ
ସରିତ ଯେପରି ଚିର ନିମ୍ନଗା
ସାଗରେ ଝାସିବା ଲୟ ।
ନବ ବର୍ଷର ନୂତନ ସୂର୍ଯ୍ୟ
ଚକ୍ରବାଳକୁ ତୁମେ
ଆସ ଆସ ନେବା ବଜ୍ର ଶପଥ
ଶାନ୍ତି ରଚିବା ଭୂମେ ।
ଅହିଂସାର ମନ୍ତ୍ରେ ଆମର ଜୈତ୍ର
କେତନ ଉଡ଼ଇ ଆଜି
ଦୁର୍ବାର ଆମେ ହାତ ଟେକିବାନି
ଶତ୍ରୁରେ ଭ୍ରାନ୍ତ ହେଜି ।
ନବ ବର୍ଷର ସ୍ୱାଗତିକା ଗାଇ
ଅଭିମନ୍ତ୍ରିତ ହେବା
ଅଭିନନ୍ଦନ ହେ ନୂତନ ବର୍ଷ
ଘେନ ସୂର୍ଯ୍ୟର ପ୍ରଭା ।

□□□